# ପଣ୍ଡିଘାଟରେ ନାହିଁ ମୌଳିକ ବ୍ୟବସ୍ଥା: ପର୍ଯ୍ୟଟକ ଅସନ୍ତୁଷ୍ଟ

କୋରାପୁଟ,୨୩।୧(ଅମିତାଭ ବେହେରା)


ପଣ୍ଡିଘାଟକୁ ଆସିଥିବା ପର୍ଯ୍ୟଟକ ।

କୋରାପୁଟ ସହରର ନିକଟ ତଥା କୋଲାବ ଜଳଭଣ୍ଡାର ପାର୍ଶ୍ୱରେ ଅବସ୍ଥିତ ପର୍ଯ୍ୟଟନସ୍ଥଳ କେଚେଲା ଘାଟର ପଣ୍ଡି ପର୍ଯ୍ୟଟନ ସ୍ଥଳୀରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପର୍ଯ୍ୟଟକଙ୍କ ପାଇଁ ମୌଳିକ ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। କୋଲାବ ଜଳଭଣ୍ଡାର ବିସ୍ତୀର୍ଣ୍ଣ ଜଳରାଶି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ବର୍ଷା ଜଳ କୋଲାବ ଜଳଭଣ୍ଡାରରେ ଭର୍ତ୍ତି ହେବା ପରେ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ୨୦୨୪ରେ ପରବ ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେଚଲାର ପଣ୍ଡିଘାଟ ପର୍ଯ୍ୟଟନୀସ୍ଥଳୀକୁ ପ୍ରମୁଖ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୫ ପରବ ଉତ୍ସବରେ ମୁଖ୍ୟମନ୍ତ୍ରୀ ମଧ ସମାନ କଥା ଦୋହରାଇଥିଲେ। ଓଡ଼ିଶା ପର୍ଯ୍ୟଟନ ନିଗମ ପକ୍ଷରୁ ପଣ୍ଡିଘାଟରେ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ଏକ ପାନ୍ଥ ନିବାସ ଓ ଗାଡ଼ି ପାର୍କିଂ ସ୍ଥଳ ଓ ପର୍ଯ୍ୟଟକଙ୍କୁ ସୁହାଇଲା ଭଳି ଅନ୍ୟ କାର୍ଯ୍ୟ ଆରମ୍ଭ କରାଯାଇଛି। କିନ୍ତୁ ଏହା ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହୋଇଛି। ପର୍ଯ୍ୟଟକଙ୍କୁ ଆବଶ୍ୟକ ମୌଳିକ ସୁବିଧା ମିଳିପାରୁ ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକେ ଓ ଆସୁଥିବା ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଏକ ବୋଟ ବ୍ୟବସ୍ଥା କରାଯାଇ ସ୍ଥାନୀୟ ଯୁବକଙ୍କୁ ଦିଆଯାଇଛି। ସେମାନେ ଜଳଭଣ୍ଡାରରେ ପର୍ଯ୍ୟଟକଙ୍କୁ ବୋଟିଂର ସୁବିଧା ଉପଲବ୍ଧ କରାଉଛନ୍ତି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସି ପିକ୍‌ନିକ୍ କରି ଲଞ୍ଚରେ କୋଲାବ ଜଳଭଣ୍ଡାରରେ ବୁଲିବାର ମଜା ନେଉଛନ୍ତି। କିନ୍ତୁ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ କିମ୍ବା

**ବର୍ଷେ ହେବ ମନ୍ଥର ଗତିରେ ଚାଲିଛି ଭିତ୍ତିଭୂମି ନିର୍ମାଣ**

ହୋଟେଲ ନ ଥିବାରୁ ହଇରାଣ ହେଉଥିବା କହିଛନ୍ତି। ପର୍ଯ୍ୟଟକମାନେ ରାତ୍ରିଯାପନ କରିବାକୁ ମଧ କୌଣସି ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା ଓ ପର୍ଯ୍ୟଟନସ୍ଥଳକୁ ଯିବାକୁ ଭଲ ରାସ୍ତା ନାହିଁ। ସରକାରଙ୍କ ଦ୍ୱାରା ପଣ୍ଡିଘାଟରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଅର୍ଥ ମଞ୍ଜୁର କରାଯାଇଛି। ପାଖାପାଖି ବର୍ଷେ ହେବ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରି ଏହା ମନ୍ଥର ଗତିରେ ଚାଲିଥିବାରୁ ପର୍ଯ୍ୟଟକ ପର୍ଯ୍ୟଟନସ୍ଥଳର ବିକାଶ ନେଇ ଆଶଙ୍କା କରିଛନ୍ତି। ଏ ନେଇ କୋରାପୁଟ ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟ ଶୀଘ୍ର ସରିବା ଦିଗରେ ସମ୍ପୃକ୍ତ ଠିକା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ସାଧାରଣତନ୍ତ୍ର ଦିବସରେ ଆମିଷ ବିକ୍ରିକୁ ବାରଣ


COLLECTORATE, KORAPUT
(General & Miscellaneous Section)
Email_id-dycolkpt@gmail.com
***

Letter No. 73 Date. 23/01/2026

To,
All Tahsildars of Koraput District.
All Block Development Officers of Koraput District.
All Executive Officers of Koraput District.

Sub:- Prohibition on selling of Meat, Chicken, Fish, egg, etc and non-vegetarian food on the occasion of 77th Republic Day Celebration thereof.

Madam/Sir,

With reference to the subject cited above, you are hereby requested to issue an official notification in your jurisdiction prohibiting sale of Meat, Chicken, Fish, egg, etc and other non-vegetarian items on 26th January 2026 for the occasion of 77th Republic Day Celebration in Koraput District.

I am looking forward to your prompt action on this matter.

Yours faithfully,

Collector & DM, Koraput
23/01/26

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ।

କୋରାପୁଟ/ନନ୍ଦପୁର,୨୩।୧(ଅମିତାଭ ବେହେରା/ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲାରେ ଆମିଷ ବିକ୍ରିକୁ ବାରଣ କରିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ନେଇ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ କାର୍ଯ୍ୟାଳୟ(ଜେନେରାଲ ମିସଲେନସ) ପକ୍ଷରୁ ପତ୍ର ସଂଖ୍ୟା ୯୩ ତା.୨୩।୧।୨୦୨୬ରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିରେ ଜିଲାର କାର୍ଯ୍ୟରତ ତହସିଲଦାର, ବିଡିଓ ଏବଂ ପୌରାଞ୍ଚଳ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ମାଛ, ମାଂସ ଓ ଅଣ୍ଡା ଭଳି ଆମିଷ ସାମଗ୍ରୀ ବିକ୍ରି ନ ହେବା ଓ ଅମାନିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସରପଞ୍ଚଙ୍କ ଅନୁପସ୍ଥିତି ଯୋଗୁ ହୋଇପାରିଲାନି ଅଲୋଚନା


ଆଲୋଚନା ପାଇଁ ଆସିଥିବା ପଞ୍ଚାୟତବାସୀ।

କୁନ୍ଦୁରା,୨୩।୧(ସନ୍ତୋଷ ପ୍ରହରାଜ)

**ପଞ୍ଚାୟତ ଗୃହ ନିର୍ମାଣ ପ୍ରସଙ୍ଗ**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ସୀମାନ୍ତ ଆସନା ପଞ୍ଚାୟତରେ ପଞ୍ଚାୟତ ଭବନ ନିର୍ମାଣ ବିବାଦକୁ ନେଇ ଆପୋଷ ବୁଝାମଣା ପାଇଁ ବିଡିଓ ପି.ମନସ୍ୱିତା ଉଭୟ ପକ୍ଷଙ୍କୁ ଡାକିଥିଲେ। କିନ୍ତୁ ସରପଞ୍ଚ ଜୟନ୍ତୀ କୁଷପାରିଆ ଓ ସମିତିସଭ୍ୟା ଗୋରୀ ହରିଜନଙ୍କ ଅନୁପସ୍ଥିତି ଯୋଗୁ ଆଲୋଚନା ହୋଇପାରି ନ ଥିବା ଜଣାପଡ଼ିଛି। ଆସନା ଅଞ୍ଚଳବାସୀଙ୍କ ପକ୍ଷରୁ ମତିରାମ ନାୟକ, ତୁଳସୀରାମ ଗୌଡ଼, ମଙ୍ଗରାଜ ଭୂମିଆ ଓ ସୁରେନ୍ଦ୍ର ସଗରିଆ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ। ଉଭୟ ପକ୍ଷଙ୍କ ଆଲୋଚନା ପରେ ପଞ୍ଚାୟତ ଭବନ ନିର୍ମାଣ ପାଇଁ ସ୍ଥାନ ନିରୂପଣ ନେଇ ବିଡିଓ କରିଥିବା ଚେଷ୍ଟା ଏକପ୍ରକାର ବିଫଳ ହୋଇଛି। ସରପଞ୍ଚ ଅନୁପସ୍ଥିତ ଥିବାରୁ ବିଡିଓ ଅସନ୍ତୋଷ ପ୍ରକାଶ କରିଥିଲେ। ଆପୋଷ ବୁଝାମଣାରେ ପଞ୍ଚାୟତ ଭବନ ନିର୍ମାଣ କରିବାକୁ ବ୍ଲକ୍ ପ୍ରଶାସନ ଉଦ୍ୟମ କରିଥିଲା। ସରପଞ୍ଚଙ୍କ ଅସହଯୋଗ ପଞ୍ଚାୟତବାସୀଙ୍କୁ କ୍ଷତି ପହଞ୍ଚାଇବ ବୋଲି କହିଥିଲେ। ସରପଞ୍ଚଙ୍କ ପଞ୍ଚାୟତର ସ୍ୱାର୍ଥକୁ ଅଗ୍ରାଧିକାର ନ ଦେବା ନେଇ ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି। ଆସନା ନାଁରେ ପଞ୍ଚାୟତ ନାମିତ ହୋଇଛି। ପଞ୍ଚାୟତ ଭବନ କାହିଁକି ଏଠାରେ ନିର୍ମାଣ ହେବ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏ ନେଇ ସରପଞ୍ଚଙ୍କୁ ପଚାରିବାରୁ କାମ ରହିଥିବାରୁ ଯୋଗଦେଇ ପାରିନ ଥିବା ସେ କହିଛନ୍ତି। ଛତିଶଗଡ ସୀମାନ୍ତବର୍ତ୍ତୀ ଏହି ପଞ୍ଚାୟତକୁ ପୂର୍ବରୁ ପ୍ରଶାସନ ଆସନା ପଞ୍ଚାୟତ ନାମ ରଖିଥିଲେ ସୁଦ୍ଧା ଉଦଲଗୁଡ଼ାରେ କାର୍ଯ୍ୟାଳୟ ରହିଛି। ପଞ୍ଚାୟତ ଅଧୀନ ଜନଜାତି ଶ୍ରେଣୀର ବାସିନ୍ଦା ବିଡିଓ ପି.ମନସ୍ୱିତା, ତହସିଲଦାର ବିନୋଦ ଚନ୍ଦ୍ର ନାଏକଙ୍କୁ ଭେଟି ମୂଳ ସ୍ଥାନରେ ପଞ୍ଚାୟତ ଭବନ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। କେତେକ ବ୍ୟବସାୟିକ ଭାବନା ରଖି ମୂଳ ସ୍ଥାନରେ ପଞ୍ଚାୟତ ଭବନ ନିର୍ମାଣକୁ ବିରୋଧ କରୁଥିବା ଅଞ୍ଚଳବାସୀ କହିଛନ୍ତି।

# ପିଏମ୍ ସ୍ୱନିଧି ଯୋଜନା ଶୁଭାରମ୍ଭ

ସୁନାବେଡ଼ା,୨୩।୧(କୃତ୍ତିବାସ ପ୍ରଧାନ)


କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।


କେରଳର ତିରୁବନ୍ତପୁରମାରେ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିବା ପିଏମ୍ ସ୍ୱନିଧି ଯୋଜନା କାର୍ଯ୍ୟକ୍ରମର ସିଧାପ୍ରସାରଣ ସୁନାବେଡ଼ା ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଲୋକଙ୍କୁ ଦେଖାଇବା ବ୍ୟବସ୍ଥା କରାଯାଇଛି। ପିଏମ୍ ସ୍ୱନିଧି ଯୋଜନା ମାଧ୍ୟମରେ ସାରା ଭାରତରେ ଥିବା ବୁଲା ବିକାଳୀ(ଷ୍ଟ୍ରିଟ୍ ଭେଣ୍ଡର) ଲାଭ ପାଇପାରିବା ନେଇ ବୁଝାଇଥିଲେ। ସୁନାବେଡ଼ା ପୌର ପରିଷଦ ଅଧୀନ ବିଭିନ୍ନ ଅଞ୍ଚଳର ପ୍ରାୟ ୧୪ଜଣ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ୯ ହିତାଧିକାରୀ ଚେକ ପ୍ରଦାନ କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ୫ ହିତାଧିକାରୀଙ୍କୁ ଚେକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର, କୋରାପୁଟ ବିଧାୟକ ପ୍ରତିନିଧି ଜୟରାମ ଗରଡ଼ା, ସମସ୍ତ କାଉନସିଲର, ପୌର କର୍ମଚାରୀ ଓ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଯୋଜନାରେ ସମଗ୍ର ଭାରତରେ ୧୧ ଲକ୍ଷ ହିତାଧିକାରୀ ଲାଭ ଉଠାଇ ପାରିବେ। ହିତାଧିକାରୀ ସର୍ବନିମ୍ନ ୧୫ ହଜାର ଓ ସର୍ବାଧିକ ୫୦ ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ଜରିଆରେ ପାଇପାରିବେ।

# ସାଇ ମନ୍ଦିର ବାର୍ଷିକ ଉତ୍ସବ

ଦାମନଯୋଡ଼ି,୨୩।୧(ନରସିଂହ ବ୍ରହ୍ମା)

ଦାମନଯୋଡ଼ି ନାଲକୋ ଟାଉନଶିପ ଶିରିଡ଼ି ସାଇ ମନ୍ଦିରର ଅଷ୍ଟମ ବିଗ୍ରହ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ନାମ ସଙ୍କୀର୍ତ୍ତନ କରି ପ୍ରାୟ ଶତାଧିକ ମହିଳା ଜଗନ୍ନାଥ ମନ୍ଦିର ପରିସରର ଥିବା ପୁଷ୍କରିଣୀରୁ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ସମସ୍ତ ଦେବୀଦେବଙ୍କ ଆବହନ କରାଯାଇ ଅନ୍ୟ ନୀତିକାନ୍ତି ସହ ଯଜ୍ଞାରମ୍ଭ କରାଯାଇଥିଲା। ପଣ୍ଡିତ ସୁଧାଂଶୁ ଶେଖର ତ୍ରିପାଠୀ, ଦେବେନ୍ଦ୍ର ଦାଶ, ଶ୍ରୀନିବାସ ପଣ୍ଡା, ବିଜୟ କୁମାର ମିଶ୍ର, ରାଜୀବ କୁମାର ଆଚାର୍ଯ୍ୟ, ଦେବୀ ସନ୍ତୋଷ ମିଶ୍ର, ନିୟମିତ ପୂଜକ ଅମିତ ଶତପଥୀ ଓ ଚନ୍ଦ୍ର ଶେଖର ପଣ୍ଡା ପୂଜାନୀତି କରିଥିଲେ। ଦାମନଯୋଡ଼ି ଶିରିଡ଼ି ସାଇ ପରିବାର ପକ୍ଷରୁ ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ନଳିନୀକାନ୍ତ ଜେନା, ସମ୍ପାଦକ ପ୍ରେମବ୍ରତ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ନିଜ ଭିତରେ ଦେଶପ୍ରେମ ଭାବନା ଜାଗ୍ରତ ରଖିବାକୁ ଆହ୍ୱାନ



ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ଜରେ ଅତିଥି ମତ ଦେଉଛନ୍ତି।

ନବରଙ୍ଗପୁର, ୨୩।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶୁକ୍ରବାର ପରାକ୍ରମ ଦିବସ ୨୦୨୬ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକ୍ଷାପେ ଚର୍ଚ୍ଚା ୨୦୨୬ ମାଧ୍ୟମରେ ପାଳିତ ହୋଇଛି। ନବରଙ୍ଗପୁର ସ୍ଥିତ ୯ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ହିର୍ଲି ଆଦର୍ଶ ବିଦ୍ୟାଳୟ, ଆର୍‌ସିଡି ଉଚ୍ଚ ବିଦ୍ୟାଳୟ, ମ୍ୟୁନିସିପାଲଟି ଉଚ୍ଚ ବିଦ୍ୟାଳୟ, ୟୁନିକ ପବ୍ଲିକ ସ୍କୁଲ, ନବରଙ୍ଗପୁର ପବ୍ଲିକ ସ୍କୁଲ, ସ୍ମାର୍ଟ ଗୁରୁକୁଳ ସ୍କୁଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଅହି ଅବସରରେ ଅପରେସନ ସିନ୍ଦୁର ଉପରେ ଆଧାରିତ କୁଇଜ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏନ୍. କେ. କେ. ପ୍ରସାଦ ଯୋଗ ଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ନିଜ ଭିତରେ ଦେଶାତ୍ମବୋଧ ଭାବନା ସର୍ବଦା ଜାଗ୍ରତ ରଖିବାକୁ ଅଧ୍ୟକ୍ଷ ହିତେଶ କୁମାର ବର୍ମା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସାଧନାମାୟୀ ସେନାପତି, ଶିକ୍ଷକ ପ୍ରଦୀପ କୁମାର ହୋତା, ବ୍ରିଜେଶ କୁମାର ସରୋଜ, ଗୁରୁତପେନ୍ଦ୍ର ସିଂହ, ଧୀରଜ କୁମାର, ଅନିଲ କୁମାର ଶର୍ମା, ସୋମନାଥ ଶେଖର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଶଶାଙ୍କ ଯାଦବ କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳନା କରିଥିଲେ।

# ୭ ଦିନିଆ ଶ୍ରୀମଦ୍ ଭାଗବତ ପାଠ

ଉମରକୋଟ, ୨୩।୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରପରିଷଦ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗା ବାହିନୀ, ମାତୃଶକ୍ତିଙ୍କ ପ୍ରଚେଷ୍ଟାରେ ସପ୍ତଦିବସୀୟ ଶ୍ରୀମତ ଭାଗବତ କଥା କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ମଥୁରା ବୃନ୍ଦାବନରୁ ଆସିଥିବା ଆଚାର୍ଯ୍ୟ ଅଭିଷେକ ପାଠକ ଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ ଶୁଣିବାକୁ ପ୍ରଥମ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରବଚକଙ୍କ ବାଣୀ ଶୁଣିବା ପାଇଁ ଲୋକଙ୍କ ମନରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଏହି ଭାଗବତ ପାଠ କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ। ପ୍ରତିଦିନ ଅପରାହ୍ନ ୫ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଚାଲିବ।


ଆଚାର୍ଯ୍ୟ ଅଭିଷେକ ପାଠକ ଜୀ ମହାରାଜ ପ୍ରବଚନ ଶୁଣାଉଛନ୍ତି ।

# କୋଡ଼ିଙ୍ଗା ଏକାଦଶ, ରାଇଘର ଦଳ, ଝରିଗାଁ ତହସିଲ ବିଜୟୀ

ନବରଙ୍ଗପୁର, ୨୩।୧ (ସଦାଶିବ ପ୍ରହରାଜ)

**ରେଭେନ୍ୟୁ ପ୍ରିମିୟର ଲିଗ୍ ୨୦୨୬ ଉଦ୍‌ଘାଟିତ**

ନବରଙ୍ଗପୁର ଜିଲାରେ ଶୁକ୍ରବାର ରେଭେନ୍ୟୁ ପ୍ରିମିୟର ଲିଗ୍ ୨୦୨୬ ଉଦ୍‌ଘାଟିତ ହୋଇଛି। ଜାନୁଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ରିକେଟ୍ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ତହସିଲ, ଉପଜିଲାପାଳ ଓ ଜିଲାପାଳ କାର୍ଯ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ଟିମ୍ ଅଂଶଗ୍ରହଣ କରିଛନ୍ତି।

ନବରଙ୍ଗପୁର କଲେଜ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ପାପଡ଼ାହାଣ୍ଡି ତହସିଲ ଏକାଦଶ ବନାମ କୋଡିଙ୍ଗା ତହସିଲ ଏକାଦଶ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ (ରେଭେନ୍ୟୁ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନଙ୍କ ଉପସ୍ଥିତିରେ ଖେଳାଯାଇଥିଲା। ଏଥିରେ କୋଡ଼ିଙ୍ଗା ଏକାଦଶ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ତେନ୍ତୁଲିଖୁଣ୍ଟି ତହସିଲ ଏକାଦଶ ବନାମ ନବରଙ୍ଗପୁର ତହସିଲ ଏକାଦଶ ମଧ୍ୟରେ ଖେଳାଯାଇଥିଲା। ଏହାକୁ ତେନ୍ତୁଲିଖୁଣ୍ଟି ତହସିଲ ଦଳ ଜିତିଥିଲା।

ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଗ୍ରୁପ୍-ବି ଟିମ୍‌ର ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ରାଇଘର ତହସିଲ ବନାମ ଚନ୍ଦାହାଣ୍ଡି ତହସିଲ ଏକାଦଶ ଦଳ ମଧ୍ୟରେ ଖେଳାଯାଇଥିଲା। ରାଇଘର ଦଳ ବିଜୟୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଡାବୁଗାଁ ତହସିଲ ବନାମ ଝରିଗାଁ ତହସିଲ ଦଳ ମଧ୍ୟରେ ଖେଳ ହୋଇଥିଲା। ଝରିଗାଁ ତହସିଲ ଦଳ ବିଜୟୀ ହୋଇଥିଲେ। ଫାଇନାଲ ମ୍ୟାଚ୍ ନବରଙ୍ଗପୁର ଷ୍ଟାଡିୟମରେ ଖେଳାଯିବ। ବିଜେତା ଦଳକୁ ୧୦ ହଜାର, ଉପବିଜେତାକୁ ୫ହଜାର ଏବଂ ସିରିଜର ସର୍ବୋତ୍ତମ ଖେଳାଳିଙ୍କୁ ୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ଅଦ୍ୟମ ସାହସୀ, ଦେଶଭକ୍ତିର ପ୍ରତୀକ ଥିଲେ ନେତାଜୀ

ନବରଙ୍ଗପୁର/ ଉମରକୋଟ, ୨୩।୧ (ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)


ନବରଙ୍ଗପୁରରେ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅତିଥି।

**ନବରଙ୍ଗପୁରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ**

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଛି। ନେତାଜୀଙ୍କ ଜୀବନୀ, ସ୍ଲୋଗାନ ଓ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଭୂମିକା ଉପରେ ଆଲୋଚନା କରାଯାଇଥିଲା।

ନବରଙ୍ଗପୁର ଆକ୍ସିସ ବ୍ୟାଙ୍କ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ ଯୋଗ ଦେଇଥିଲେ। ନେତାଜୀ ଭାରତ ବର୍ଷର ଅମର ସନ୍ତାନ, ମହାନ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ, ଅଦ୍ୟମ ସାହସୀ, ଦେଶଭକ୍ତିର ପ୍ରତୀକ ଥିଲେ ବୋଲି ଅତିଥିମାନେ କହିଥିଲେ। ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସରସ୍ୱତୀ ଜ୍ଞାନ ମନ୍ଦିର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ପରିଚାଳନାରେ ଡିଡବ୍ଲ୍ୟୁଓ ରବୀନ୍ଦ୍ର ପାଳକା, ବରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ ଓ ଅନ୍ୟ ସରକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉମରକୋଟରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବଙ୍ଗୀୟ ସମାଜ ଓ ଉମରକୋଟ ପୌର ପରିଷଦ ପକ୍ଷରୁ ୟୁଭି-୩ ଡ଼ଙ୍ଗରିଗୁଡ଼ାରେ ପାଳିତ ହୋଇଛି। ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ବରିଷ୍ଠ ନେତା ଜୟଦେବ କୁମାର ପରିଡା, ବଙ୍ଗୀୟ ସମାଜ ସଭାପତି ତପନ ଦେବନାଥ, ଉପଦେଷ୍ଟା ତପନ ପାଲ, ଏମପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସନ୍ତୋଷ ସରକାର, କମଳ ଗାଇନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ସୁଭାଷ ବୋଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୌରାଧ୍ୟକ୍ଷା ରାଧା ଭତରା, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ ସମସ୍ତ କାଉନସିଲର ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


ଉମରକୋଟରେ ଅତିଥିମାନେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ଦାଦନ ରୋକିବାରେ ସହାୟକହେବ ଭିବି ଜି ରାମ୍ ଜି: ଏମ୍ପି

ଗୋବିନ୍ଦପାଲି, ୨୩।୧ (କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ପଞ୍ଚାୟତ ସମିତି ପକ୍ଷରୁ କଦମଗୁଡ଼ା ପଞ୍ଚାୟତରେ ଭିବି ଜି ରାମ ଜି ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ଭାଜପା ଜିଲା ସଭାପତି ଅଶୋକ କୁମାର ପରିଡ଼ା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଦ୍ମ କିର୍ଷାନି, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମୁଦୁଲି, ମୁଦୁଲିପଡ଼ା ଥାନା ଅଧିକାରୀ ନୀଳିମା ପାଣିଗ୍ରାହୀ, କଦମଗୁଡ଼ା ସରପଞ୍ଚ ସୂର୍ଯ୍ୟନାରାୟଣ ଝିଙ୍ଗିଡ଼ି, ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ଗଣ୍ଡ, ଖଇରପୁଟ ଅତିରିକ୍ତ ତହସିଲଦାର ବ୍ରଜ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ନୂତନ ନାମକରଣ କରାଯାଇ ଭିବି ଜି ରାମ ଜି କରାଯାଇଥିବାବେଳେ ଏହା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ଠାରୁ ଆହୁରି ସଶକ୍ତ ହେବା ସହ ଲୋକଙ୍କ ଅର୍ଥ ବାଟମାରଣା ରୋକିହେବ ବୋଲି ଅତିଥିମାନେ ମତ ରଖିଥିଲେ। ମୁଖ୍ୟତଃ ଏହା ଗ୍ରାମାଞ୍ଚଳରେ ଦାଦନ ରୋକିବାରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ଏମ୍ପି ମାଝୀ କହିଛନ୍ତି। ଏହି ନୂଆ ଯୋଜନାରେ ଗ୍ରାମାଞ୍ଚଳରେ ୧୨୫ ଦିନ ରୋଜଗାର ଗ୍ୟାରେଣ୍ଟି ରହିଥିବା ବେଳେ ପୂର୍ବାପେକ୍ଷା ଏହା ଅଧିକ ଆଦୃତ ହେବ ବୋଲି କୁହାଯାଇଛି। ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ ଆପଣେଇବା ନେଇ ସମସ୍ତେ ଶପଥ ପାଠ କରିଥିଲେ। ଏହି ଅବସରରେ ଏମ୍ପି ମାଝୀ ୮୦ ବର୍ଷରୁ ଉର୍ଦ୍ଧ୍ୱ ୨ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ୨ ଜଣଙ୍କୁ ଭିନ୍ନକ୍ଷମ ୩୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରିବା ସହ ସେ ଅଞ୍ଚଳର ଲୋକଙ୍କୁ ୬ଟି ପଞ୍ଚା ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଓଏଲ୍‌ଏମ୍ ବିପିଏମ୍ ଚିନ୍ମୟ କୁମାର ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ଓ ପଞ୍ଚାୟତର କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଶତାଧିକ ଲୋକ ଉପସ୍ଥିତ ଥିଲେ।



ଏମ୍ପି ବଳଭଦ୍ର ମାଝୀ ଜଣେ ଭିନ୍ନକ୍ଷମଙ୍କୁ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି ।

## ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ବ୍ୟକ୍ତିଙ୍କ ମୃତ୍ୟୁ

ଲକ୍ଷ୍ମୀପୁର, ୨୩।୧
(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମାର ଏକ ଦୋକାନ ଆଗରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସାଧୀନ ଥିବା ବେଳେ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାର ମୁନା ନାଇଡୁ(୪୮)। କାକିରିଗୁମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟକ୍ତିଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟକ୍ତିଙ୍କୁ ପରିଚୟ ମିଳିବା ପରେ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ସେ କାକିରିଗୁମାରେ ଏକ ରେଲୱେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ପୋଲିସ ନଂ.୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ସୁଲୋଚନା ପ୍ରଧାନ ସୂଚନା ଦେଇଛନ୍ତି।

## ଗାଈ ପାଇଁ ଦୀର୍ଘ ଘଣ୍ଟା ଅଟକି ରହିଲା ଲକ୍ଷ୍ମୀ ବସ୍



ପାଇପ୍ ଭିତରେ ଫସି ରହିଥିବା ଗାଈକୁ ଉଦ୍ଧାର କରାଯାଉଛି।

### ଲୁହା ପାଇପ୍ ଭିତରେ ଫସି ରହିଥିବା ଗାଈ ଉଦ୍ଧାର

ପଡିଆ, ୨୩।୧ (ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକ୍ ପରିସର ମୁଖ୍ୟ ଫାଟକ ତଳେ ରାସ୍ତା ନିମନ୍ତେ ବିଛା ଯାଇଥିବା ଲୁହା ପାଇପ୍ ମଧ୍ୟରେ ଏକ ଗାଈ ଗୋଡ଼ ଭର୍ତ୍ତିକରି ଆଉ ବାହାର କରିପାରି ନ ପାରି ସେଠାରେ ପଡି ରହିଥିଲା। ମାଲକାନଗିରି ଜିଲା ପଡିଆ ବ୍ଲକ୍ ପରିସରରୁ ଶୁକ୍ରବାର ସକାଳେ କୋରାପୁଟ ଜିଲା ଜୟପୁର ଅଭିମୁଖେ ବାହାରିଥିବା ଯାତ୍ରୀବାହୀ ଲକ୍ଷ୍ମୀ ବସ୍ ବ୍ଲକ୍ କାର୍ଯ୍ୟାଳୟ ପରିସର ମଧ୍ୟରୁ ବାହାରି ପାରି ନ ଥିଲା। ଶୁକ୍ରବାର ଦୀର୍ଘ ଘଣ୍ଟା ଧରି ବସ୍ ଅଟକି ରହିଥିଲା । ଖବରପାଇପଡିଆ ଅଗ୍ନିଶମ ବାହିନୀ କର୍ମଚାରୀ ବୀରେନ୍ଦ୍ର ସିଂ ଓ ତାଙ୍କ ଟିମ୍ ବ୍ଲକ କାର୍ଯ୍ୟାଳୟ ପହଞ୍ଚି ବହୁ ପରିଶ୍ରମ କରି କୌଶଳକ୍ରମେ ପାଇପ କାଟି ଗାଈକୁ ଉଦ୍ଧାର କରିଥିଲେ। ତେବେ ଗାଈର ଗୋଡ଼ ଭାଙ୍ଗି ଯାଇଥିବା ଅନୁମାନ କରାଯାଉଛି । ଡାକ୍ତରଙ୍କ ଚିକିତ୍ସା ପରେ ଜଣାପଡିବ ବୋଲି ଅଗ୍ନିଶମ ଅଧିକାରୀ ସିଂ କହିଛନ୍ତି ।

## ଚୋରି ମାମଲାରେ ୨ ଗିରଫ

କୋରାପୁଟ, ୨୩।୧
(ଅମିତାଭ ବେହେରା)

କୋରାପୁଟ ଟାଉନ ଥାନାରେ ଏତଲା ଦେବାର ୨୪ ଘଣ୍ଟା ମଧ୍ୟରେ ଟାଉନ ପୋଲିସ ଚୋରି ମାମଲାର ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଓଡ଼ିଆଗୁଡ଼ା ଗ୍ରାମର କରଣ କୁଳଦୀପ ଓ ଅଭିଷେକ ଖରା। ଏ ନେଇ ଟାଉନ ଥାନା ପରିସରରେ କୋରାପୁଟ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, କୋରାପୁଟ ଅମଲା କୁଟୀର ରୋଡର ଡି.ରାମ କ୍ରିଷ୍ଣା ୨୨ ତାରିଖରେ ଷ୍ଟେଶନରୁ ଫେରୁଥିବା ବେଳେ ସରକାରୀ ମହିଳା କଲେଜ ନିକଟରେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଟଙ୍କା ଦେବାକୁ କହିଥିଲେ। ଟଙ୍କା ନାହିଁ କହିବାରୁ ସେମାନେ ରାମକ୍ରିଷ୍ଣାଙ୍କୁ ଆକ୍ରମଣ କରି ମୋବାଇଲ ଛଡାଇ ନେଇଯାଇଥିଲେ। ଏ ନେଇ ରାମ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ ଅଧିକାରୀ ସବଇନ୍ସପେକ୍ଟର ଉମେଶ କୁମାର ଧାରୁଆ ତଦନ୍ତ କରିଥିଲେ। ପୋଲିସ ଅଭିଯୁକ୍ତଙ୍କଠାରୁ ମୋବାଇଲ ଓ ବାଇକ୍ ଜବତ କରିଛି। ୨ ଅଭିଯୁକ୍ତଙ୍କ ନାମରେ ଥାନାରେ ଅନେକ ମାମଲା ରହିଛି। ଟାଉନ ଥାନାରେ ନଂ.୨୬/୨୬ରେ ଏକ ମାମଲା ରୁଜୁ କରାଯାଇଛି।

## ନେତାଜୀ ଜୟନ୍ତୀ ପାଳିତ

ନନ୍ଦପୁର, ୨୩।୧ (ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମା, ଥୁବା ନେତାଜୀ ଉଚ୍ଚ ବିଦ୍ୟାଳୟ ଓ କୁଲାବିର ପଞ୍ଚାୟତ କାର୍ଯ୍ୟାଳୟରେ ନେତାଜୀ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବ୍ଲକ୍ ସଦର ମହକୁମାସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନେତାଜୀ ପ୍ରଭାତ ଶାଖା ସଦସ୍ୟ ଶଙ୍କର ପାତ୍ର, ସନ୍ତୋଷ କୁମାର ଦାସ, ଦୁର୍ଗା ପଟ୍ଟନାୟକ, ରବୀନ୍ଦ୍ର ପାଙ୍ଗୀ, ଲାଲ ବାହାଦୁର ଚୌଧୁରୀ, ହରିହର ବେହେରା, ଉମାଶଙ୍କର ଖାଡେଙ୍ଗା ଓ ହରିଶ ଚୌଧୁରୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳକୃଷ୍ଣ ବେବର୍ତ୍ତା, ଏମ୍ପି ପ୍ରତିନିଧି ଗୋପାଳ ମାଟାମ, ଦେବେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଥୁବା ନେତାଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଜଗଦୀଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଓ ବିଦ୍ୟାଳୟ କର୍ମକର୍ତ୍ତା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କୁଲାବିର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶଶୀ ପଟ୍ଟନାୟକଙ୍କ ନେତୃତ୍ୱରେ ବୁଦ୍ଧିଜୀବୀ ଓ ଲୋକ ପ୍ରତିନିଧି ମାଲ୍ୟାର୍ପଣକରି ସ୍ମୃତିଚାରଣ କରିଥିଲେ।



ଅତିଥିମାନେ ନେତାଜୀଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

## ୨ କୁଇଣ୍ଟାଲ ୩୭ କେଜି ଗଞ୍ଜେଇ ଜବତ

ଆର.ଉଦୟଗିରି, ୨୩।୧
(ମନୋଜ କୁମାର ପାଢୀ)

ଗଞ୍ଜେଇ ଚାଲାଣ ପୂର୍ବରୁ ପୋଲିସ ଚଢ଼ାଉ କରି ଜବତ କରିଛି। ସମ୍ବଲପୁର- ସୁନ୍ଦରଡାଙ୍ଗ ରାସ୍ତା କଡେ କିଛି ବସ୍ତାରେ ଗଞ୍ଜେଇ ଥିବା ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ବିଶେଷ ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଆର. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ତତ୍ତ୍ୱାବଧାନରେ ଆର ଉଦୟଗିରି ଥାନା ଏସଆଇ ସନ୍ଦୀପ ହେମ୍ବ୍ରମ, ମୋହନା ଓ ଅଡବା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ସମ୍ବଲପୁର- ସୁନ୍ଦରଡାଙ୍ଗ ରାସ୍ତାରେ ୧୨ଟିବସ୍ତାରେ ୨ କୁଇଣ୍ଟାଲ ୩୭ କେଜି ଗଞ୍ଜେଇ ଚାଲାଣ ପାଇଁ ଥିବା ବେଳେ ପୋଲିସ ତାହାକୁ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ୭୦ ହଜାର ଟଙ୍କା ହେବ। ପୋଲିସକୁ ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ଏସପି ସୂଚନା ଦେଇଛନ୍ତି।

## ବାର୍ ଆସୋସିଏଶନ ନୂତନ କୋଠା ଉଦ୍‌ଘାଟିତ

ଜୟପୁର, ୨୩।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜୟପୁର କୋର୍ଟ ପରିସରରେ ନବନିର୍ମିତ ବାର ଆସୋସିଏଶନର ନୂତନ କୋଠା ଓ ଟ୍ରାଞ୍ଜିଟ ହାଉସକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି କୋଠାରେ ଓକିଲମାନେ ମହକିଲମାନଙ୍କ ସହ କଥା ହୋଇପାରିବେ। ଏହିକୋଠାରେ ଏଟିଏମ୍ ସୁବିଧାଠାରୁ ଆରମ୍ଭ କରି ପୋଷ୍ଟାଲ ସୁବିଧା ଓ ମହକିଲମାନଙ୍କ ପାଇଁ ଖାଇବା ବ୍ୟବସ୍ଥା ମଧ୍ୟ ରହିବ। ଓକିଲମାନଙ୍କ ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯାଇଥିବା ସଭାପତି ସରୋଜ ଦାସ ପ୍ରକାଶ କରିଛନ୍ତି। କୋର୍ଟ ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ଟ୍ରାଞ୍ଜିଟ୍ ହାସକୁ ଉଦ୍‌ଘାଟନ କରାଯାଇଥିଲା। ଜୟପୁର କୋର୍ଟ ବହୁତ ପୁରୁଣା ଏବଂ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନ ହେବା ପରେ ଅବିଭକ୍ତ କୋରାପୁଟ ଜିଲାର ନ୍ୟାୟ କେନ୍ଦ୍ର ଭାବେ ଏହି କୋର୍ଟ ଚାଲିଥିଲା ବୋଲି ଜଷ୍ଟିସ ଟଣ୍ଡନ କହିଛନ୍ତି। ଏହି ଅବସରେ ବରିଷ୍ଠ ଆଇନଜୀବୀମାନଙ୍କୁ ମୁଖ୍ୟ ଅତିଥିଙ୍କ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀରେ ଜୟପୁର ବାର କାଉନସିଲର ସମସ୍ତ କର୍ମକର୍ତ୍ତା ଓ ଜିଲା କୋର୍ଟର ସମସ୍ତ ଜିଲା ଜଜ୍ ଉପସ୍ଥିତ ଥିଲେ।

